ସକାଳ THE SAKALA



# ବିଜୁ ଜନତା ଦଳ ତରଫରୁ ଅକ୍ଷିମୁଠି ଅନୁକୂଳ

ବ୍ରହ୍ମଗିରି,୨୦।୪(ସମିସ)



ବ୍ରହ୍ମଗିରି ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ସୋମବାର ରାହାଡ଼ମଲ୍ଲ ପଞ୍ଚାୟତ ଘଣପଣ ଦଣ୍ଡାମାହାବୀରଙ୍କଠାରେ କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଅକ୍ଷିମୁଠି ଅନୁକୂଳ କରାଯାଇଛି । ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ସମସ୍ତ ଚାଷୀ ଭାଇଙ୍କୁ ଅଭିନନ୍ଦନ ଜଣାଇବା ସହିତ ଅକ୍ଷିମୁଠି ଅନୁକୂଳ କରିଛନ୍ତି । ବିଧିବଦ୍ଧ ଭାବରେ ପୂଜାର୍ଚ୍ଚନା ସରିବା ପରେ ଧାନ ବୁଣିବା କାର୍ଯ୍ୟ ଆରମ୍ଭ କରିଥିଲା । ପରେ ସେହି ଧାନ ବୁଣା ଜମିରେ ଶ୍ରୀ ଦାସବର୍ମା ହଳ କରୁଥିବା ଦେଖିବାକୁ ମିଳିଥିଲା । ଉପସ୍ଥିତ ଥିବା ସମସ୍ତ କର୍ମୀଙ୍କୁ ନେଇ ଏକ ସାଧାରଣ ସଭା ବ୍ରହ୍ମଗିରି ବ୍ଲକ୍ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଶ୍ରୀ ଦାସବର୍ମା କହିଛନ୍ତି, ଆଜିର ଏ ଶୁଭ ଦିନରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ କରିଥା'ନ୍ତି । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଚାଷୀ ଭାଇମାନେ ଆମ ଦେଶର ଅର୍ଥନୀତିର ମେରୁଦଣ୍ଡ । ଧାନ ଚାଷ ପାଇଁ ଭାରତ ବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟ ରୂପେ ପରିଗଣିତ ହୋଇଛି ଓଡ଼ିଶା । ଓଡ଼ିଶାର ମଉଡ଼ମଣି କାଳିଆ ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ଆଜିଠାରୁ ଚାପ ଖେଳନ୍ତି । ସୋମବାରଠାରୁ ଜଗନ୍ନାଥଙ୍କ ରଥଖଳାରେ ଗୁଣ୍ଡିଚା ଯାତ୍ରା ନିମନ୍ତେ ପ୍ରସ୍ତୁତ ହେବାକୁ ଥିବା ତିନି ରଥ ପାଇଁ କାଠ କାମ ପୂଜାର୍ଚ୍ଚନା ସହିତ ଆରମ୍ଭ ହୋଇଥାଏ । ଚଳିତ ବର୍ଷ ଭଲ ପାଗ ଓ ଭଲ ଫସଲ ଅମଳ ଦ୍ୱାରା ଚାଷୀ ଭାଇମାନଙ୍କ ସମୃଦ୍ଧି ଓ କଲ୍ୟାଣର ମାର୍ଗ ଆହୁରି ପ୍ରଶସ୍ତ ହେଉ ବୋଲି ଶ୍ରୀ ଦାସବର୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷ ମାଳିନୀ ଦଳେଇ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ଯୁଧିଷ୍ଠିର ନାୟକ, ଚାଷୀ ନେତା ପ୍ରଫୁଲ୍ଲ ଜେନା, ବାଳକୃଷ୍ଣ ପେଣ୍ଟୋଇ, ନିରୁ ବରାଳ, ଉପେନ୍ଦ୍ର ପ୍ରଧାନ, ଶ୍ରୀବତ୍ସ ସାହୁ, ଗଦା ପ୍ରଧାନ, ଯୁବନେତା ଜୟନ୍ତ ମହାନ୍ତି, ବରିଷ୍ଠ ଆଇନଜୀବୀ ଭାସ୍କର ଜେନା, ରାହାଡ଼ମଲ ପଞ୍ଚାୟତ ଯୁବ ନେତା ଆପତ୍ତି ପ୍ରଧାନ, ଘଟକୁଦୀ ପଞ୍ଚାୟତ ସରପଞ୍ଚ ଆଲୋକ ବିଶ୍ୱାଳ, ସମିତିସଭ୍ୟ ରାକେଶ ଭଟ୍ଟଙ୍କ ସମେତ ଗୌଡ଼ିଆଘାଇ ପ୍ରମୁଖ ଚାଷୀ ଛଇଳ ପ୍ରଧାନ, କେଶବ ପ୍ରଧାନ, ସୁକଦେବ ପ୍ରଧାନ, ସୁରିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଅକ୍ଷିମୁଠି ଅନୁକୂଳ କଲେ ଉପମୁଖ୍ୟମନ୍ତ୍ରୀ

ଚାରିଛକ,୨୦।୪(ସମିସ): ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ଓଳାଂଶ କୃଷି ଫାର୍ମ ହାଉସ୍‌ଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସୋମବାର ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି । ପୁରୀ ଜିଲ୍ଲା କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଶରତ ଚନ୍ଦ୍ର ମହାପାତ୍ର, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶିକା ଡ. ମଞ୍ଜୁଳା ତ୍ରିପାଠୀ, ନିମାପଡ଼ା ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପୁରୀ ଜ୍ୟୋତି ରଞ୍ଜନ ମିଶ୍ର, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଛଣିଜଙ୍ଗ ସରପଞ୍ଚ ଅଜୟ କୁମାର ପରିଡ଼ା, ସାଂସଦଙ୍କ ନିମାପଡ଼ା ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ଯଚିନ୍ଦ୍ର କୁମାର ସ୍ୱାଇଁ, ମହିଳା ମହାସଂଘର ସଭାପତି ସୌଦାମିନୀ ବେହେରା, ପ୍ରାଣୀ ସମ୍ପଦ ଅଧିକାରୀ ଶରତ ଚନ୍ଦ୍ର ବେହେରା, ମତ୍ସ୍ୟ ପାଳନ ଅଧିକାରୀ ଅଜୟ ବସ୍ତିଆ, ସରୋଜିନୀ ଜେନା, ଜିଲ୍ଲା କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଚାଷଜମିକୁ ପୂଜାକରି ଜମିକୁ ହଳକରି ଧାନ ବିହନ ବୁଣିଥିଲେ । ପରେ ଏକ ସଭାର ଆୟୋଜନ କରାଯାଇଥିଲା । ରାଜ୍ୟ ସରକାର କୃଷି ଓ କୃଷକର ଶସକ୍ତୀକରଣ କରିବା ପାଇଁ ୧୫ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ସିଏମ୍ କିଷାନ ଓ ପିଏମ୍ କିଷାନ ଦ୍ୱାରା ୫ଟି କିସ୍ତିରେ କୃଷକମାନଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି ବୋଲି ମୁଖ୍ୟ ଅତିଥି କହିଥିଲେ । ଏହି ଅବସରରେ ଏକ କୃଷି ରଥର ଶୁଭ ଉଦ୍‌ଘାଟନ, କୃଷକଙ୍କ ଜମାଖାତାକୁ ସିଏମ୍ କିଷାନ ୨ହଜାର ଟଙ୍କା ପ୍ରଦାନ କରାଯାଇଛି । ଜିଲ୍ଲା କୃଷି ଅଧିକାରୀ (ସାକ୍ଷୀଗୋପାଳ) ପରେଶ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା କୃଷି ଅଧିକାରୀ ସବ୍ୟସାଚୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



# ଅଲାରନାଥଙ୍କ ଚନ୍ଦନ ଯାତ୍ରା ଆରମ୍ଭ

ବ୍ରହ୍ମଗିରି,୨୦।୪(ସମିସ): ବ୍ରହ୍ମଗିରିର ଆରାଧ୍ୟ ଦେବତା ପ୍ରଭୁ ଅଲାରନାଥଙ୍କ ଚନ୍ଦନ ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଯାଇଛି । ବୈଶାଖ ମାସ ଶୁକ୍ଳପକ୍ଷ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ଧରି ପ୍ରଭୁଙ୍କ ଏହି ଯାତ୍ରା ଚାଲିବ । ଭୋର୍ ୪ଟାରୁ ଦ୍ୱାର ଫିଟାଯିବା ପରେ ସ୍ନାନ ପରେ ମଙ୍ଗଳ ଆଳତି, ମଇଲମ, ଅବକାଶ, ତଡ଼ପଲାଗି, ବଲ୍ଲଭ, ସକାଳ ଧୂପ ଏବଂ ସର୍ବାଙ୍ଗ ଚନ୍ଦନ ବେଶ ହେବା ପରେ ସର୍ବସାଧାରଣ ଦର୍ଶନ କରିଥିଲେ । ମଧ୍ୟାହ୍ନରେ ଠାକୁରଙ୍କୁ ଶଙ୍ଖୁଡ଼ି ଭୋଗ ଲାଗି ହୋଇଥିଲା । ସନ୍ଧ୍ୟାରେ ଅଲାରନାଥଙ୍କ ସହିତ ମଦନମୋହନ ବାହାରିଥିଲେ ଚନ୍ଦନ ଯାତ୍ରା କରିବା ପାଇଁ । ଶ୍ରୀଜୀଉଙ୍କ ମଧ୍ୟାହ୍ନ ଧୂପ ପରେ ସୁସଜ୍ଜିତ ପଟୁଆର ସହ ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ ବିମାନରେ ଏବଂ ରାମକୃଷ୍ଣ ପାଲିଙ୍କିରେ ବିରାଜମାନ କରି ମୁଖ୍ୟ ରାସ୍ତା ବେଲ ଚନ୍ଦନ ଗୃହକୁ ବିଜେ କରିଥିଲେ । ଚନ୍ଦନ ଗୃହ ନିକଟରେ ବିମାନ ଏବଂ ପାଲିଙ୍କିରୁ ବିଜୟ ବିଗ୍ରହମାନଙ୍କୁ ବାହୁ ବିଜେ କରାଯାଇ ଚାପ ପୁଷ୍କରିଣୀରେ ଥିବା ନନ୍ଦା, ଭଦ୍ରା ନୌକା ବିମାନରେ ଥିବା ସିଂହାସନରେ ବିଜେ କରାଯାଇଥିଲା । ଘଣ୍ଟ, କାହାଳୀ ଏବଂ ସେବାୟତଙ୍କ ଚାପ ସଙ୍ଗୀତରେ ପୁଷ୍କରିଣୀ ମଧ୍ୟରେ ଦିନଚାପ ନୀତି କରାଯାଇଥିଲା । ସୋମବାର ପ୍ରଥମ ଦିନ ହେତୁ ମହାପ୍ରଭୁଙ୍କୁ ଚାପଘେରା କରାଯାଇ ନ ଥିଲା । ମଙ୍ଗଳବାରଠାରୁ ସମ୍ପୂର୍ଣ୍ଣ ଚାପ ନୀତି କରାଯିବ । ଏହି ଚନ୍ଦନ ଯାତ୍ରା ଦେଖିବା ପାଇଁ ବ୍ରହ୍ମଗିରି ଏବଂ ଆଖପାଖର ବିଭିନ୍ନ ସ୍ଥାନରେ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା ।



# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଅକ୍ଷିମୁଠି ଅନୁକୂଳ



ସାକ୍ଷୀଗୋପାଳ,୨୦।୪(ସମିସ): ସୋମବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପୁରୀ ସାଂସଦ ସମ୍ବିତ୍ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କର ସତ୍ୟବାଦୀରେ ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଜଳ ସମ୍ପଦ ବିଭାଗ ତରଫରୁ ବୁଧଙ୍ଗ କେନାଲ ଉପରେ ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ, ଶୁକଳ ପଞ୍ଚାୟତର ଶୁକଳପଡ଼ା ଗ୍ରାମର ଆରାଧ୍ୟ ଶୈବପୀଠ ଶ୍ରୀଶ୍ରୀ ଗ୍ରାମେଶ୍ୱର ଦେବଙ୍କ ରତ୍ନମୁଦ ଉତ୍ସବ, ବିଶ୍ୱନାଥପୁର ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମରେ ଭଲିବଲ ଷ୍ଟାଡିୟମ୍ ନିର୍ମାଣ ନିମନ୍ତେ ଶିଳାନ୍ୟାସ, ପାଣିଭଣ୍ଡାର ଗ୍ରାମର ନୂତନ ଅଙ୍ଗନବାଡ଼ି ଗୃହ ଉଦ୍‌ଘାଟନ, ଦୁଗଲ ପଞ୍ଚାୟତର ବୀରଗୋବିନ୍ଦପୁର ଗ୍ରାମରେ ମା' ଦକ୍ଷିଣକାଳୀଙ୍କ ମନ୍ଦିର ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି । ସେହିପରି ଦୁଗଲ ବାମଦେଇପୁର କେନାଲ ରାସ୍ତା ନିର୍ମାଣ ନିମନ୍ତେ ଶିଳାନ୍ୟାସ, କାଦୁଆ ପଞ୍ଚାୟତର ବରାଳ ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ରୋଷଘର, ରାସ୍ତା, ଡ୍ରେନ୍ ନିର୍ମାଣ ନିମନ୍ତେ ଶିଳାନ୍ୟାସ, ବଳପୁର ପଞ୍ଚାୟତର ବଳପୁର ନିକଟରେ ଚନ୍ଦନପୁର ବ୍ରାଞ୍ଚ କେନାଲ ଉପରେ ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ଆଳସରଙ୍ଗ ବାଲି ହରଚଣ୍ଡୀ ମେଳଣ ପଡ଼ିଆଠାରେ ପଞ୍ଚସଖା କୃଷକ ମହାସଂଘ ପକ୍ଷରୁ ଅକ୍ଷିମୁଠି ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ସମ୍ବିତ୍ ପାତ୍ର, ସମ୍ମାନିତ ଅତିଥିଭାବେ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସତ୍ୟବାଦୀ ବ୍ଲକ୍ ଆମ୍ବା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, କଣାସ ବ୍ଲକ୍ ଆମ୍ବା ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# ଗୁରୁ ଭକ୍ତ ସମ୍ମିଳନୀରେ ଯୋଗଦେଲେ ଦଶ ହଜାର ଭକ୍ତ



ନୟାହାଟ,୨୦।୪(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ରାଜ୍ୟସ୍ତରୀୟ ୬୦ତମ ବାର୍ଷିକ ଗୁରୁ ଭକ୍ତ ସମ୍ମିଳନୀ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି । ସୁଶ୍ରୀ ଶକୁନ୍ତଳା ଦାଶ, ପ୍ୟାରିମୋହନ ସାହୁ, ଶୁଚେତା ଦାସ ଭଜନ ଗାନ କରିଥିଲେ । ସବିତା ଦାସ ବନ୍ଦାପନା ଗୀତଗାନ କରିଥିଲେ । ବାବାଜୀ ଦାମୋଦର ଦାସଙ୍କ ସଭାପତିତ୍ୱରେ ବାବାଜୀ ଅରକ୍ଷିତ ଦାସ ମହାରାଜ, ବାବାଜୀ ଉଦୟନାଥ ମହାରାଜ, ବାବାଜୀ ସତ୍ୟାନନ୍ଦ ଦାସ, ବାବାଜୀ ଦିବାକର ଦାସ, ବାବାଜୀ ଚିତ୍ତବିନୋଦ ଦାସ, ବାବାଜୀ ଦିବ୍ୟକୃଷ୍ଣ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ବାବାଜୀ ସଞ୍ଜୟ ଦାସ ପ୍ରମୁଖ ଯୋଗଦେଇଥିଲେ । ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବଜରଙ୍ଗ ଦଳର ସଭ୍ୟ ସର୍ବଶ୍ରୀ ସ୍ୱାଧୀନ ପାତ୍ର, କିଶୋର ପାତ୍ର, ରାକେଶ ପାତ୍ର, ଅଭିଷେକ ରାୟ, ସୌମ୍ୟରଞ୍ଜନ ମହାନ୍ତି, ଉମେଶ ପାତ୍ର ପ୍ରମୁଖ ହଜାର ହଜାର ଭକ୍ତଙ୍କ ନିମନ୍ତେ ଦହି ପାଣି ସେବାଶ୍ରମରେ କରିଥିଲେ । ଏହି ସମ୍ମିଳନୀରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା ବୋଲି ସେବକ ପ୍ରୀତିରଞ୍ଜନ ଦାସ ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଡ. ରତ୍ନାକର ମହାନ୍ତି, ନୀଳମଣି ସାହୁ, ଅଭୟ ପାତ୍ର, ସୁରେନ୍ଦ୍ର ପାତ୍ର, ମହେଶ ସାହୁ, ରତିକାନ୍ତ ଲେଙ୍କା, ରମେଶ ବିଟି, ଡମ୍ବରୁଧର ସାହୁ, ଅନୁ ମା', ବାସନ୍ତୀ ମା', ଲିଜାରାଣୀ ସାହୁ, ଶାନ୍ତି ମା', ଲିଙ୍ଗା ଭାଇ, ଚରଣ ଭାଇ ପ୍ରମୁଖ ପରିଚାଳନା କରିଥିଲେ ।

# ସାକ୍ଷୀଗୋପାଳଙ୍କ ଚନ୍ଦନ ଯାତ୍ରା ଆରମ୍ଭ

ସାକ୍ଷୀଗୋପାଳ,୨୦।୪(ସମିସ): ସୋମବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସାକ୍ଷୀଗୋପାଳ ଠାକୁରଙ୍କ ୨୧ ଦିନବ୍ୟାପୀ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି । ଦୈନନ୍ଦିନ ଦେବନୀତି ସହିତ ସାକ୍ଷୀଗୋପାଳ ଠାକୁର ଚନ୍ଦନ ଚର୍ଚ୍ଚିତ ବେଶରେ ଦର୍ଶନ ଦେଇଥିଲେ । ଚନ୍ଦନ ବେଢ଼ା, ଆଳଟଲାଗି, ପଣାଭୋଗ, ଜାତ ଭୋଗ, ଉପଚାର ପରେ ବିଜେ ପ୍ରତିମା ଶ୍ରୀଶ୍ରୀ ମଦନମୋହନ ଦେବ ବିମାନକୁ ବିଜେ କରିଥିଲେ । ଚନ୍ଦନ ମଣ୍ଡପରେ ସଂସ୍କାର ହୋମ କରାଯାଇଥିଲା । ଛତ୍ରୀ, ତ୍ରାସ, ଘଣ୍ଟ, କାହାଳୀ, ତେଲିଙ୍ଗି ବାଜା ବଜାଇ ହରିରାମ ସଂକୀର୍ତ୍ତନ ସହ ବିଜେ ପ୍ରତିମା ଶ୍ରୀଶ୍ରୀ ମଦନମୋହନ ଦେବ ବିମାନରେ ଚନ୍ଦନ ମଣ୍ଡପରେ ବିଜେ କରିଥିଲେ । ମଣିଜଳ ଲାଗି ନୀତି କରାଯାଇ ମଦନ ମୋହନଙ୍କୁ ପୂଜାପଣ୍ଡା ଓ ସିଂହାରୀ ସେବକ ଚାପକୁ ବିଜେ କରିବା ପରେ ଦିନ ଚାପଖେଳ ଅପରାହ୍ଣ ପରିବର୍ତ୍ତେ ନୀତି ବିଳମ୍ବ ଯୋଗୁଁ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ।



# ଅଭିଯୋଗ ଶୁଣାଣିବେଳେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ନିମାପଡ଼ା,୨୦।୪(ସମିସ): ଦଦରା ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ଜଣେକା ମହିଳା ଗ୍ରାମ କୋଠଘରେ ବାସ କରୁଛନ୍ତି । ବାରମ୍ବାର ମହିଳା ଜଣକ ଅନୁରୋଧ କଲେ ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରୁନାହିଁ । ଗତ ୪ ମାସ ତଳେ ତଦନ୍ତ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଘର ମିଳିପାରି ନାହିଁ । ଘର ପାଇବା ଅନିଶ୍ଚିତତାକୁ ନେଇ ମହିଳା ଜଣକ କୋଠଘରେ ଆଉ କେତେଦିନ ବା ରହିବେ ଶେଷରେ ଆତ୍ମାହୁତି ଦେବା ମନସ୍ଥ କରିଛନ୍ତି । ତାଙ୍କ ଘର ଫନି ବାତ୍ୟାରେ ଭାଙ୍ଗିଯିବା ପରେ କିଛି ସହାୟତା ମିଳିଥିଲା । ମାତ୍ର ସେହିଦିନଠାରୁ ଆଜିପର୍ଯ୍ୟନ୍ତ ମହିଳାଙ୍କୁ ବ୍ଲକ୍ ପ୍ରଶାସନ ଘର ଖଣ୍ଡିଏ ଯୋଗାଇବାରେ ବିଫଳ ହେବା ଯୋଗୁଁ ନିଜର ଭାରସାମ୍ୟ ହରାଇ ଜୀବନ ହାରିବା ପାଇଁ ମନସ୍ଥ କଲେ । ସମ୍ପୃକ୍ତ ମହିଳା ଜଣକ ହେଲେ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଭୋଦର ପଞ୍ଚାୟତ ନୂଆଗାଁର ସତ୍ୟଭାମା ମଲ୍ଲିକ । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ସେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରୁଥିବାବେଳେ ସେଠାରେ ସ୍ଥାନୀୟ ଲୋକ ଓ ପୁଲିସ ପହଞ୍ଚି ତାଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇଥିଲେ । ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ମଧ୍ୟ ସେ ଏକ ଅଭିଯୋଗ ପ୍ରଦାନ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଫନି ବାତ୍ୟା ସମୟରେ ସତ୍ୟଭାମାଙ୍କ ଘରି ଭାଙ୍ଗି ଯାଇଥିବାବେଳେ ତାଙ୍କୁ ଏକ ଘର ଯୋଗାଇ ଦେବାକୁ ପ୍ରଶାସନ କହିଥିଲେ । ଦୀର୍ଘ ୬ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡିଏ ତାଙ୍କୁ ମିଳିପାରି ନାହିଁ । ସୋମବାର ନିମାପଡ଼ା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଆତ୍ମାହୁତି ଉଦ୍ୟମ କରିଥିଲେ । ଅନେକ ଅଯୋଗ୍ୟ ବ୍ୟକ୍ତି ତଞ୍ଚକତା ଭାବେ ପରିବାରର ଏକାଧିକ ବ୍ୟକ୍ତିଙ୍କ ନାମରେ ଆବାସ ଯୋଜନା ନେଇଯିବା ଦ୍ୱାରା ଯୋଗ୍ୟ ହିତାଧିକାରୀ ସରକାରଙ୍କ ଯୋଜନାରୁ ବାଦ୍ ପଡୁଛନ୍ତି ବୋଲି ଅଭିଯୋଗ ହେଉଛି । ଅନେକ ବ୍ୟକ୍ତି ନିଜ ଭାଇ, ମାଆ ଓ ପରିବାରର ସଦସ୍ୟଙ୍କ ନାମରେ ଘରର ଅଲଗା ନମ୍ବର କରି ଆବାସ ଯୋଜନା ନେବା ପାଇଁ ତଞ୍ଚକତା ଚଳାଇଥିବାବେଳେ ପ୍ରକୃତ ଗରିବମାନେ ଏହି ଯୋଜନାରୁ ବାଦ୍ ପଡୁଛନ୍ତି ।



# ପ୍ରୟାସ ସଂଗଠନ ପକ୍ଷରୁ ଅକ୍ଷୟ ତୃତୀୟା

କଣାସ,୨୦।୪(ସମିସ): ସୋମବାର କୃଷି ଓ କୃଷକର ଗଣପର୍ବ ଅକ୍ଷୟ ତୃତୀୟାରେ ପ୍ରୟାସ ସଂଗଠନ ପକ୍ଷରୁ ସତ୍ୟବାଦୀଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କଣାସ ବ୍ଲକ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । କଣାସ ଓ ସତ୍ୟବାଦୀ ବ୍ଲକ୍‌ର ୫୨ଟି ଗ୍ରାମପଞ୍ଚାୟତର ଶତାଧିକ କର୍ମୀ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରୁ ବାହାରି ୨୫କିମି ଦୂରତ୍ୱ ଶୁକଳ ନୂଆ ଜଗନ୍ନାଥ ସଡ଼କ ଦେଇ କଣାସ ବ୍ଲକ୍ ବରିମୁଣ୍ଡସ୍ଥିତ ଶୈବପୀଠ ଗତିଶ୍ୱର ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପ୍ରଧାନ, ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବଙ୍କ ନେତୃତ୍ୱରେ ଅକ୍ଷିମୁଠି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ରାଲିରେ କଣାସ ବ୍ଲକ୍ ସଭାପତି ବିଶ୍ୱଜିତ୍ ବଡ଼ଜେନା ଯୋଗଦେଇଥିଲେ ।

# ମାତରଂ ଚିତ୍ରକଳା ଶିବିର ଉଦ୍‌ଯାପିତ



ପିପିଲି,୨୦।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସଂସ୍କାର ଭାରତୀର ଉତ୍କଳ ପୂର୍ବ ପ୍ରାନ୍ତ ଦୃଶ୍ୟକଳା ବିଭାଗ ଦ୍ୱାରା ଆୟୋଜିତ ତ୍ରିଦିବାସୀୟ ଚିତ୍ରକଳା ଶିବିରର "ବନ୍ଦେ ମାତରଂ" ଶକୁନ୍ତଳା ଆର୍ଟ ଗ୍ୟାଲେରୀରେ ଉଦ୍‌ଯାପନ ହୋଇଯାଇଛି । ଅତିଥି ରୂପେ ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ପଦ୍ମଶ୍ରୀ ବିନୋଦ ମହାରଣା, ସଂସ୍କାର ଭାରତୀର ଅଖିଳ ଭାରତୀୟ ଲୋକକଳା ପ୍ରମୁଖ ଡ. ନିରଞ୍ଜନ ପଣ୍ଡା ଏବଂ ସଂସ୍କାର ଭାରତୀ ଓଡ଼ିଶାର ଉପାଧ୍ୟକ୍ଷ ନିତାଇ ଚରଣ ନନ୍ଦ ଯୋଗଦେଇ ନିଜର ବନ୍ଦେ ମାତରଂ ବିଷୟବସ୍ତୁ ଆଧାରରେ ନିଜର ଅନୁଭୂତି ଉପସ୍ଥାପନ କରିଥିଲେ । ବନ୍ଦେ ମାତରଂ ଜାତୀୟ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି ଶିବିରରେ ୩୫ ଜଣ କଳାକାର ଯୋଗଦେଇ ନିଜର ସୃଜନଶୀଳତାକୁ କାନ୍‌ଭାସ୍‌ରେ ପ୍ରତିଫଳିତ କରିଥିଲେ । ଏହି ଶିବିରରେ ପ୍ରିୟଦର୍ଶିନୀ ମହାନ୍ତି, ବିଶ୍ୱନାଥ ବାରିକ, ରାଜେଶ ନାୟକ, ଜନାର୍ଦ୍ଦନ ପରମଗୁରୁ, ରାଜକିଶୋର ନାୟକ, ମମତା ସାମନ୍ତରାୟ, ନିରୋଦ ନଳିନୀ ବେହେରା, ସୌମ୍ୟରଞ୍ଜନ ପଟ୍ଟନାୟକ, ସନ୍ତୋଷ ମହାରଣା, ଡ. ଦୁର୍ଗାମାଧବ କର, ଲିପିଶ୍ରୀ ନାୟକ, ଶ୍ୟାମ ସୁନ୍ଦର ଟାଳି, ବନ୍ଦନା ପଣ୍ଡା, ନମିତା ସାହୁ, ତେଜସ୍ୱିନୀ ସାମନ୍ତସିଂହାର ଯୋଗଦେଇ ନିଜର କଳାକୃତି ପ୍ରସ୍ତୁତ କରିଥିଲେ । ସଂସ୍କାର ଭାରତୀର ଉତ୍କଳ ପୂର୍ବ ପ୍ରାନ୍ତର ଦୃଶ୍ୟକଳା ସଂଯୋଜକ ଡ. ସ୍ମିତଧୀ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଭୁବନେଶ୍ୱର ମହାନଗରର ଦୃଶ୍ୟକଳା ସହ ସଂଯୋଜକ ପ୍ରଦୀପ ପାଣ୍ଡେ ଏବଂ ଶକୁନ୍ତଳା ପ୍ୟାଲେସ୍ ଆର୍ଟ ଗ୍ୟାଲେରୀର ନିର୍ଦ୍ଦେଶକ ଜନାର୍ଦ୍ଦନ ପରମଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋ-ତୀର୍ଥରେ ବୁଡ଼ ପକାଇଲେ ନିଃସନ୍ତାନ ମହିଳା

ନିମାପଡ଼ା,୨୦।୪(ସମିସ): ସୋମବାର ଥିଲା ପବିତ୍ର ଅକ୍ଷୟ ତୃତୀୟା ତିଥି । ପ୍ରାଚୀ ନଦୀର ତ୍ରିବେଣୀ ସଙ୍ଗମସ୍ଥଳ ନିକଟସ୍ଥ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ଆଗରଶାସନ ଗାଁ ଶେଷରେ ଥିବା ଗୋ-ତୀର୍ଥଠାରେ ପ୍ରତ୍ୟୁଷରେ ନିଃସନ୍ତାନ ମହିଳାମାନେ ବୁଡ଼ ପକାଇ ତୀର୍ଥଠାରେ ନିଜ ନିଜ ବିମାନରେ ଉପବେଶନ କରିଥିବା ପ୍ରଭୁ ଅମରେଶ୍ୱର ଓ ପ୍ରଭୁ ବନ୍ଦେଶ୍ୱରଙ୍କୁ ପୂଜାର୍ଚ୍ଚନା କରିଥିଲେ । ପ୍ରଭୁ ଅମରେଶ୍ୱର ଓ ବନ୍ଦେଶ୍ୱର ଠାକୁର ନିଜ ମନ୍ଦିରରୁ ସ୍ୱ ସ୍ୱ ବିମାନରେ ଯାଇ ଗୋ-ତୀର୍ଥଠାରେ ପହଞ୍ଚିବା ପରେ ପରମ୍ପରା ଅନୁସାରେ ପ୍ରଥମେ ବୁଡ଼ ପକାଇଥିଲେ । ତା'ପରେ ନିଃସନ୍ତାନ ମହିଳାମାନେ ବୁଡ଼ ପକାଇଥିଲେ । ପ୍ରାଚୀ ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଛି ଯେ, ଅକ୍ଷୟ ତୃତୀୟା ତିଥିର ପ୍ରତ୍ୟୁଷରେ ଗୋ-ତୀର୍ଥଠାରେ ବୁଡ଼ ପକାଇ ପ୍ରଭୁ ଅମରେଶ୍ୱର ଓ ବନ୍ଦେଶ୍ୱରଙ୍କୁ ଏକତ୍ର ଦର୍ଶନ କଲେ ନିଃସନ୍ତାନ ମହିଳାମାନେ ପୁତ୍ର ଲାଭ କରିଥା'ନ୍ତି । ସେହି ବିଶ୍ୱାସର ବଶବର୍ତ୍ତୀ ହୋଇ ପ୍ରତିବର୍ଷ ଅକ୍ଷୟ ତୃତୀୟା ତିଥିର ପ୍ରତ୍ୟୁଷରେ ଗୋ-ତୀର୍ଥଠାରେ ନିଃସନ୍ତାନ ମହିଳାମାନେ ବୁଡ଼ ପକାଇ ଆସୁଛନ୍ତି । ପ୍ରାଚୀ ମାହାତ୍ମ୍ୟରେ ପୁଣି ବର୍ଣ୍ଣିତ ହୋଇଛି ଯେ, ଦେବୀ ମା' ଗଙ୍ଗା ଏହି ସମୟରେ ଗୋ-ତୀର୍ଥଠାରେ ବୁଡ଼ ପକାଇ ବର୍ଷ ସାରା ପାପିମାନଙ୍କଠାରୁ ଗ୍ରହଣ କରିଥିବା ପାପକୁ ଧୌତ କରିଥାନ୍ତି । ଏଣୁ ଗୋ-ତୀର୍ଥରେ ବୁଡ଼ ପକାଇଲେ ଗଙ୍ଗା ସ୍ନାନର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ଗୋ-ତୀର୍ଥରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ବୁଡ଼ ପକାଇଥିଲେ । ପ୍ରଭୁ ଅମରେଶ୍ୱରଙ୍କ ମନ୍ଦିର ପଡ଼ିଆରେ ମେଳା ଲାଗିଥିଲା । ଗୋ-ତୀର୍ଥ ଓ ଅମରେଶ୍ୱର ମନ୍ଦିରରେ ସ୍ଥାନୀୟ ଚାରିଛକ ଥାନା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ବିଭିନ୍ନ ସଂଗଠନମାନଙ୍କ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମାଗଣାରେ ପଣା ଓ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା । ଅକ୍ଷୟ ତୃତୀୟା ପାଇଁ ସମଗ୍ର ପ୍ରାଚୀ ଉପତ୍ୟକା ଉତ୍ସବମୁଖର ହୋଇପଡ଼ିଥିଲା ।



# ମା' ବେଲେଶ୍ୱରୀଙ୍କ ବାର୍ଷିକ ଉତ୍ସବ ଓ ଥାନା ମେଳଣ

ଚାରିଛକ,୨୦।୪(ସମିସ): ସୋମବାର ଚାରିଛକ ଥାନା ପକ୍ଷରୁ ଆୟୋଜିତ ମା' ବେଲେଶ୍ୱରୀଙ୍କ ବାର୍ଷିକ ଉତ୍ସବ ଅବସରରେ ଚାରିଛକ ଥାନା ମେଳଣ ଅନୁଷ୍ଠିତ ହୋଇଯାଇଛି । ସକାଳୁ ମା' ବେଲେଶ୍ୱରୀଙ୍କ ନିକଟରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ପୂଜାରେ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି ମୁଖ୍ୟ କର୍ତ୍ତା ଭାବେ ଯୋଗଦେଇଥିବା ବେଳେ ପୂଜକ ରମେଶ ଚନ୍ଦ୍ର ମିଶ୍ର ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ କରିଥିଲେ । ସନ୍ଧ୍ୟାରେ ଠାକୁରଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ଚାରିଛକ ବଜାର ପରିକ୍ରମା କରିବା ସହ ଓରପଟ, ବ୍ରହ୍ମକୁଣ୍ଡୀ ଆଦି ଗ୍ରାମ ପରିକ୍ରମା କରିବା ସମୟରେ ବିଭିନ୍ନ ସ୍ଥାନରେ ଭକ୍ତଙ୍କ ଘରେ ଭୋଗ ଲାଗି ହୋଇଥିଲା । ପରେ ଥାନା ପରିସରରେ ଠାକୁର ବିରାଜମାନ କରିଥିଲେ । ସେଠାରେ ଭୋଗଲାଗି ପରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଠାକୁରଙ୍କ ପରିକ୍ରମା ସମୟରେ ଘୋଡ଼ାନାଚ, ସାହିଯାତ୍ରା, ନାମ ସଂକୀର୍ତ୍ତନ, ପାରମ୍ପରିକ ବାଦ୍ୟ, ଆତସବାଜି ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ମେଳଣ କାର୍ଯ୍ୟକ୍ରମରେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାତ୍ରୀ, ନିମାପଡ଼ା ଆଇଆଇସି ସୌମେନ୍ଦ୍ର ପାଇକରାୟ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କ ସମେତ ଅଞ୍ଚଳର ବହୁ ରାଜନୈତିକ ବ୍ୟକ୍ତି, ସମାଜସେବୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବହୁ ମାତ୍ରାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।

# ଅକ୍ଷିମୁଠି ଅନୁକୂଳ କଲେ ଚାଷୀ

କଣାସ,୨୦।୪(ସମିସ): ବର୍ଷର ଶ୍ରେଷ୍ଠ ଦିବସ ଅକ୍ଷୟ ତୃତୀୟା ଭାବେ ପାଳିତ ହେଉଛି । ଚାଷୀମାନଙ୍କ ଚଳିତ ବର୍ଷ ପାଇଁ ଆଜିଠାରୁ ଚାଷ କାର୍ଯ୍ୟ ଅରମ୍ଭ କରାଯାଉଥିବାରୁ ପ୍ରତ୍ୟେକ ଚାଷୀ ପରିବାରର ମୁଖିଆମାନେ ପ୍ରଭାତରୁ ନୂତନ ବସ୍ତ୍ର ପରିଧାନ କରି ବେତଟୋକି କିମ୍ବା ଗଉଣିରେ ବିଭିନ୍ନ ଫଳ, ନଡ଼ିଆ, ଧୂପକାଠି, ଫୁଲ, ଚନ୍ଦନ ଧରି ଏବଂ କିଛି ଧାନ ଧରି ନିଜ ନିଜ ଜମିକୁ ଯାଇ ମାଟି ମା'କୁ ଚଳିତ ବର୍ଷ ପାଇଁ ଭଲ ଫସଲ ହେବାକୁ ସ୍ମରଣ କରି ପୂଜା କରିଥିଲେ ।



# ସଙ୍ଗମ ଚାରିଟେବୁଲ ପକ୍ଷରୁ ଅକ୍ଷୟ ମିଳନ ଓ ସାହିତ୍ୟ ଉତ୍ସବ

ନିମାପଡ଼ା,୨୦।୪(ସମିସ)




ସୋମବାର ନିମାପଡ଼ା ଗ୍ରୀନ୍‌ଲାଣ୍ଡ କଲ୍ୟାଣ ମଣ୍ଡପଠାରେ ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ "ଅକ୍ଷୟ ମିଳନ ଓ ସାହିତ୍ୟ ଉତ୍ସବ' ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସାହିତ୍ୟ ଆଲୋଚନା, ସମ୍ବର୍ଦ୍ଧନା ସମାରୋହ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ଗଙ୍ଗାଧର ଓଝାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । ସେହିପରି ସଙ୍ଗୀତ ସର୍ଜନା କଳା ବିକାଶ କେନ୍ଦ୍ରର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ପରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ନିମାପଡ଼ା ପ୍ରେସ୍ କ୍ଲବ୍‌ର ସଭାପତି ଅକ୍ଷୟ ବେହେରା, ବିଶିଷ୍ଟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ତଥା ପ୍ରାକ୍ତନ ପ୍ରାଧ୍ୟାପକ ଡ. ବଂଶୀଧର ଷଡ଼ଙ୍ଗୀ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ପ୍ରାଚୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ସେନାପତି, ବ୍ୟଙ୍ଗ କବି ହାସ୍ୟ କୁମୁଦ ଡ. ସମ୍ପଦ କୁମାର ରଥ, ଜାତୀୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ଡ. ଶରତ କୁମାର ପ୍ରଧାନ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ, ସ୍ତମ୍ଭକାର ଲଳିତେନ୍ଦୁ ପଲାଉରି ପ୍ରମୁଖ ଉପସ୍ଥିତ ରହି ଅକ୍ଷୟ ତୃତୀୟା ତଥା ଓଡ଼ିଆ ଭାଷା ସାହିତ୍ୟ ଉପରେ ବିଷଦ୍ ଆଲୋଚନା କରିଥିଲେ । ଶେଷରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ କବି, ଲେଖକ, କଳାକାରଙ୍କୁ ସମ୍ବର୍ଦ୍ଧିତ କରାଗଲା । କାର୍ଯ୍ୟକ୍ରମକୁ ଭାଗୀରଥି ଓଝା, ସରସ୍ୱତୀ ମହାରଣା, କବିତା ନାୟକ, ଅଶୋକ ବେହେରା, ଭରତ ଚନ୍ଦ୍ର ସାହୁ, ନିରୁପମା ପଣ୍ଡା, ଉପେନ୍ଦ୍ର କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସଙ୍ଗମର ସକ୍ରିୟ ସଦସ୍ୟ ଭାଗୀରଥି ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଡୁବାବାଙ୍କ ପୀଠରେ ଚନ୍ଦନ ଯାତ୍ରା

ନୟାଗଡ଼/ଶରଣକୁଳ,୨୦।୪(ସମିସ): ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ସୋମବାରଠାରୁ ଚନ୍ଦନଯାତ ଆରମ୍ଭ ହୋଇଛି। ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ଏହିଜାତ ଆରମ୍ଭ ହୋଇ ୨୧ ଦିନ ପର୍ଯ୍ୟନ୍ତ ଚାଲେ। ଆଜି ଠାକୁରଙ୍କ ସକାଳ ନୀତିକାନ୍ତି ପରେ ବିଜେପ୍ରତିମା ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କ ଯୁଗଳ ମୂର୍ତ୍ତିଙ୍କୁ ଦକ୍ଷିଣ ଦ୍ୱାରରେ ବନ୍ଦାପନା କରାଯିବା ପରେ ବିମାନରେ ବେଢ଼ା ପରୀକ୍ରମା କରି ମନ୍ଦିର ନିକଟ ପୁଷ୍କରିଣୀକୁ ନିଆଯାଇଥିଲା। ସେଠାରେ ମନ୍ଦିର ପରିଚ୍ଛା ତୋଷାବନ୍ତ କର ଡଙ୍ଗା ଶୋଧନ କରିବା ପରେ ଠାକୁରଙ୍କୁ ଏକ ସୁସଜିତ ବିମାନରେ ଉପବେଶନ କରାଯାଇ ସମସ୍ତ ସେବାୟତଙ୍କ ସହଯୋଗରେ ଠାକୁରଙ୍କ ଜଳକ୍ରୀଡ଼ା ଆରମ୍ଭ ହୋଇଥିଲା।



ପରେ ପୁଷ୍କରିଣୀ ମଧ୍ୟରେ ଥିବା ଚନ୍ଦନ ଗୃହକୁ ବିଜେ କରାଯାଇ ସେଠାରେ ଚନ୍ଦନ କର୍ପୁର ମିଶ୍ରିତ ଜଳପୂର୍ଣ୍ଣ ପାତ୍ରରେ ରଖାଯାଇଥିଲା। ସନ୍ଧ୍ୟାରେ ଠାକୁରଙ୍କୁ ଜଳପାତ୍ରରୁ ବାହାର କରାଯାଇ ସ୍ନାନ, ପାଟବସ୍ତ୍ର ପରିଧାନ କରାଯାଇ ଟେରା ଭୋଗଲାଗି ଓ ମହାଆଳତି କରାଯାଇଥିଲା।

ଠାକୁରଙ୍କ ଅନ୍ନଭୋଗ ଓ ଚତୁସମ ନୀତି ସମାପନ ପରେ ଚନ୍ଦନ ଗୃହରୁ ଠାକୁରଙ୍କୁ ପୁନର୍ବାର ନୌକା ବିମାନରେ ଉପବେଶନ କରାଇ ଜଳକ୍ରୀଡ଼ା କରାଯାଇଥିଲା। ଏହି ଚନ୍ଦନଯାତ ଦେଖିବାପାଇଁ ପୁଷ୍କରିଣୀ ଚତୁଃପାଶ୍ୱର୍ରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଠାକୁରଙ୍କୁ ଅନ୍ୟ ଏକ ସୁସଜିତ ବିମାନରେ ଉପବେଶନ କରାଇ ପଟୁଆରରେ ନିକଟସ୍ଥ ଭୋଗ ମଣ୍ଡପକୁ ପାଛୋଟି ନିଆଯାଇ ସେଠାରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ଆଳତି ପରେ ଭୋଗଲାଗି ପାଇଁ ଭିକାରୀପଡ଼ା ହରିହରପୁର ବ୍ରାହ୍ମଣ ଶାସନକୁ ନିଆଯାଇଥିଲା। ଚାଚେରୀ ଭୋଗ ଲାଗି ପରେ ମନ୍ଦିରକୁ ଫେରି ଠାକୁରଙ୍କ ବଡ଼ଶୃଙ୍ଗାର ବେଶ କରାଯିବା ପରେ ପହଡ଼ ପଡ଼ିଥିଲା। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ଙ୍କ ଉପସ୍ଥିତିରେ ମନ୍ଦିର ପରିଚ୍ଛା, ବଡ଼ପଣ୍ଡା, ସୁଆର, କାହାଳିଆ ଏବଂ ସେବାୟତଙ୍କ ସହଯୋଗରେ ଚନ୍ଦନ ଯାତ୍ରା ନୀତି ଅନୁଷ୍ଠିତ ହୋଇଥିଲା।

# ଶ୍ରୀ ରଘୁନାଥଜୀଉଙ୍କ ଚନ୍ଦନ ଯାତ୍ରା

ଓଡ଼ଗାଁ,୨୦।୪(ସମିସ): ଓଡ଼ଗାଁରେ ପ୍ରଭୁ ଶ୍ରୀ ରଘୁନାଥଜୀଉଙ୍କ ପବିତ୍ର ଚନ୍ଦନ ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଯାତ୍ରା ଆଗାମୀ ୨୧ ଦିନ ଧରି ଅନୁଷ୍ଠିତ ହେବ। ସକାଳେ ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ ହେବା ପରେ ପହୁଡ଼ ପଡ଼ିଥିଲା। ଅପରାହ୍ନରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ବିଜେ ପ୍ରତିମା ଆଜ୍ଞାମାଳ ପାଇବା ପରେ ଧୂପ ଦୀପ ଓ ଆଳତି ସହ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ପରେ ଶ୍ରୀଜିଉଙ୍କୁ ଜଗମୋହନରୁ ଭୋଗ ମଣ୍ଡପକୁ ବିଜେ କରାଯାଇଥିଲା। ଶୋଭାଯାତ୍ରାରେ ଶ୍ରୀଜିଉମାନେ ମନ୍ଦିରରୁ ବାହାରି ଶ୍ରୀରାମ ସାଗରସ୍ଥିତ ଚନ୍ଦନ ମଣ୍ଡପକୁ ବିଜେ କରିଥିଲେ। ମଣ୍ଡପ ଶୋଧନ ନୀତି ସମ୍ପନ୍ନ ହେବା ପରେ ପ୍ରଭୁଙ୍କ ନୌକାବିହାର (ଚାପଖେଳ) ଅନୁଷ୍ଠିତ ହୋଇଥିଲା। ନଗର ଭ୍ରମଣ ଓ ଚାଚେରୀ ଭୋଗ ଲାଗି ହେବା ସହ ରାତି ପ୍ରାୟ ୧୦ଟାରେ ଶ୍ରୀଜିଉମାନେ ମନ୍ଦିରକୁ ପ୍ରବେଶ କରିଥିଲେ। ପରେ ବଡ଼ଶିଙ୍ଗାର ନୀତି ସମ୍ପନ୍ନ ହୋଇ ପହୁଡ଼ ପଡ଼ିଥିଲା। ଏହି ପବିତ୍ର ଯାତ୍ରାର ନୀତିକାର୍ଯ୍ୟ ପରିଚ୍ଛା ଓ ମନ୍ଦିର ପାଳିଆ ପୂଜକ ଶ୍ରୀଧର ଦାଶଙ୍କ ସହଯୋଗରେ ଏବଂ ମନ୍ଦିର ପ୍ରଶାସକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଶ୍ରୀରଘୁନାଥଜୀଉଙ୍କ ପୀଠରେ ପ୍ରତିବର୍ଷ ପରି ଅକ୍ଷୟ ତୃତୀୟା ତିଥିରେ ରଘୁନାଥ ଚିନ୍ତନଚକ୍ର ପକ୍ଷରୁ ୪୯ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସଭାପତି ଦିଲୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୯ ଦିନ ଧରି ଚାଲିବ ବୋଲି ସୂଚନା ଦିଆଯାଇଛି।



## ● ନୀଳମାଧବଙ୍କ ଚନ୍ଦନଯାତ୍ରା

କଣ୍ଟିଲୋ: ସୋମବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନୀଳମାଧବଜୀଉଙ୍କ ପ୍ରମୁଖ ପର୍ବ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଶ୍ରୀଜୀଉଙ୍କ ଏହି ମାନବୀୟ ଲୀଳା ୨୧ଦିନ ବ୍ୟାପୀ ଅନୁଷ୍ଠିତ ହେବ। ନୀଳମାଧବଙ୍କ ବିଜେ ପ୍ରତିମା ମଦନମୋହନ, ମା' ଲକ୍ଷ୍ମୀ, ସରସ୍ୱତୀ ଓ ଶିବ ପାର୍ବତୀଙ୍କ ଗହଣରେ ୨ଟି ମଣି ବିମାନରେ ଅଧିଷ୍ଠିତ ହୋଇ ଚନ୍ଦନ ପୁଷ୍କରିଣୀକୁ ବିଜେ କରିଥିଲେ। ଘଣ୍ଟଘଣ୍ଟା, କାହାଳି, ଛତ୍ର, ଛତ୍ରୀ, ମଶାଲ ଓ ସଂକୀର୍ତ୍ତନ ମଣ୍ଡଳୀ ଗହଣରେ ମଦନମୋହନଙ୍କ ଗ୍ରାମ ବିଜେ ଦୃଶ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ସେଠାରେ ଅପେକ୍ଷାରତ ନୌକା ଦ୍ୱୟ (ନନ୍ଦା ଓ ଭଦ୍ରା) ରେ ଠାକୁର ବିଜେ ହୋଇ ନୌକାବିହାର କରିଥିଲେ। ପ୍ରଥମ ଦିବସରେ ୧୧ଘେରା ଚାପପରେ ଶ୍ରୀଜୀଉଙ୍କୁ ଚନ୍ଦନ ଚକଡ଼ାରେ ବିଜେ କରାଯାଇଥିଲା। ଭିତର ଚନ୍ଦନ ନୀତି ପରେ ବିଳମ୍ବିତ ରାତିରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।



# ବିଜେପି ଜିଲ୍ଲା ସଭାପତି ତାପସ ମାର୍ଥା ଅସୁସ୍ଥ

ନୟାଗଡ଼,୨୦।୪(ସମିସ): ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ କୁମାର ମାର୍ଥା ଅସୁସ୍ଥ ହୋଇଛନ୍ତି। ଚାନ୍ଦପୁରସ୍ଥିତ ନିଜ ବାସଭବନରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚାନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଜରୁରୀକାଳୀନ ଭିତ୍ତିରେ ଭୁବନେଶ୍ୱର ଏମ୍ସକୁ ନିଆଯାଇଛି। ବ୍ଲକେଜ୍ ରହିଥିବା ଡାକ୍ତର କହିବା ପରେ ତୁରନ୍ତ ଚିକିତ୍ସା କରାଯାଇଛି। ତାଙ୍କୁ ଏବେ ଆଇସିୟୁରେ ରଖାଯାଇଥିବା ସୂଚନା ମିଳିଛି। ତାପସ ହେଉଛନ୍ତି ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରାଙ୍କ ସ୍ୱାମୀ। ତାଙ୍କ ଆଶୁ ଆରୋଗ୍ୟ ପାଇଁ ସବୁ ମହଲରେ କାମନା କରାଯାଇଛି।



# ମା' ହେମାମାଳୀଙ୍କ ଜନ୍ମ ଇତିହାସ ପୁସ୍ତକ ଉନ୍ମୋଚିତ

ଓଡ଼ଗାଁ,୨୦।୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ଗାନ୍ଧୀନଗର ସାହି ବାସିନ୍ଦା ମାଧବ ସାହୁଙ୍କ ଦ୍ୱାରା ସଂକଳିତ ପୁସ୍ତକ 'ଶ୍ରୀ ଶ୍ରୀ ମା' ହେମାମାଳୀ ଠାକୁରାଣୀଙ୍କ ଜନ୍ମ ଇତିହାସ' ପୁସ୍ତକ ସୋମବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି।

ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଅବସରପ୍ରାପ୍ତ ବିଇଓ ଦାମୋଦର ଖିଲାର, ସମାଜସେବୀ ଦିବାକର ନାୟକ, ସୁଶାନ୍ତ ସାହୁ ଏବଂ ଅଚ୍ୟୁତାନନ୍ଦ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପୁସ୍ତକ ମା' ହେମାମାଳୀଙ୍କ ସମ୍ବନ୍ଧରେ ଅନେକ ଅଜଣା ତଥ୍ୟକୁ ଭକ୍ତଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଅକ୍ଷିମୁଠି ଅନୁକୂଳ କଲେ ଚାଷୀ

ରଣପୁର,୨୦।୪(ସମିସ): ରଣପୁର ଅଞ୍ଚଳରେ ସୋମବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଚାଷୀଭାଇମାନେ ନୂଆ ପୋଷାକ ପରିଧାନ କରି କ୍ଷେତରେ ପୂଜାର୍ଚ୍ଚନା କରିବା ପରେ ପାରମ୍ପରିକ ହଳ କରି ଧାନ ବୁଣିଥିଲେ। ଏଥିସହ ଭଲ ଅମଳ ପାଇଁ ଧରିତ୍ରୀ ମାତା ଓ ଭୂମିଜାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ଆଜି ଗଣିଆ ଲଙ୍କାପୋଡ଼ି ଯାତ୍ରା

ଗଣିଆ,୨୦।୪(ସମିସ): ଗଣିଆ ରଘୁନାଥଜୀଉ ମନ୍ଦିର ପରିସରରେ ଚାଲିଥିବା ଲଙ୍କାପୋଡ଼ି ଯାତ୍ରାର ମଙ୍ଗଳବାର ହେଉଛି ମୁଖ୍ୟ ଉତ୍ସବ। ଏହି ଯାତ୍ରା ଦେଖିବାକୁ ଓଡ଼ିଶାର କୋଣ ଅନୁକୋଣରୁ ଜନସମାଗମ ହେବାରେ ଲାଗିଛି। ଚଳିତବର୍ଷ ପବିତ୍ର ରାମ ନବମୀଠାରୁ ରାମ ନାଟକ ପ୍ରାୟ ୧୦୦ରୁ ଅଧିକ କଳାକାରଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଲୋକ ନାଟକ ଶୈଳୀରେ ବିକ୍ରମ ନରେନ୍ଦ୍ର ପୋଥିରେ ଏହି ନାଟକ ଦୀର୍ଘ ୫୪ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଯାତ୍ରାର ମୁଖ୍ୟ ଆକର୍ଷଣ କାଷ୍ଠ୍ୟ ନିର୍ମିତ ୩୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ। ରାବଣକୁ ସୁସଜିତ ରଥରେ ନୂତନ ବସ୍ତ୍ର ପରିଧାନ କରାଯାଇ ବିଭିନ୍ନ ଅସ୍ତ୍ରଶସ୍ତ୍ର ମାଧ୍ୟମରେ ସୁସଜିତ କରାଯାଇଛି। ଅନ୍ତିମ ଦିବସରେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ତାଙ୍କ ସେନା ସହିତ ରଥରେ ଆରୋହଣ କରି ବୀର ବାଦ୍ୟ ବଜାଇ ରୋଷଣୀରେ ଆସି ରାକ୍ଷସମାନଙ୍କୁ ବଧ କରିବା ସହ ସିଧାସଳଖ ରାମ-ରାବଣ ଯୁଦ୍ଧ ହୋଇଥାଏ। ଶେଷରେ ରାମଚନ୍ଦ୍ର ବ୍ରହ୍ମାସ୍ତ୍ର ମାରି ରାବଣକୁ ବଧ କରିଥାନ୍ତି। ପରେ ସୀତାଙ୍କ ଅଗ୍ନି ପରୀକ୍ଷା ପରେ ରାମଚନ୍ଦ୍ର ସତୀ ସୀତାଙ୍କୁ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଯାତ୍ରାରେ ମୀନାବଜାର, ରାମଦୋଳି, ପଲ୍ଲିଶ୍ରୀ ମେଳା, ମେଲୋଡି ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଥାଏ। ଜନସାଧାରଣଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳଠାରୁ ଆରମ୍ଭ କରି ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ରଘୁନାଥ ମନ୍ଦିରଠାରୁ ଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ବଡ଼ ବଡ଼ ତୋରଣ ସାଙ୍ଗକୁ ଆଲୋକମାଳାରେ ଝଲସୁଛି। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।



## ● ପିଏମଶ୍ରୀ ବିଦ୍ୟାଳୟ କାମ

# ପଦ୍ମାବତୀରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଭାପୁର,୨୦।୪(ସମିସ): ଭାପୁର ବ୍ଲକର ଏକମାତ୍ର ପିଏମଶ୍ରୀ ବିଦ୍ୟାଳୟ ପାଇଁ ମଞ୍ଜୁର ହୋଇଥିବା ଏକ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନକୁ କେନ୍ଦ୍ରକରି ଦୁଇ ରାଜନୈତିକ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଭାପୁର ବ୍ଲକର ଏକମାତ୍ର ବିଦ୍ୟାଳୟଭାବେ ପଦ୍ମାବତୀ ଗୋପୀନାଥଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପିଏମଶ୍ରୀ ଯୋଜନାରେ ସାମିଲ ହୋଇଛି। ବିଦ୍ୟାଳୟରେ ଏକ ନୂତନ କୋଠାଘର ଓ ଆନୁଷଙ୍ଗିକ ଉପକରଣ ପାଇଁ ୧୮ ଲକ୍ଷ ୪୫ ହଜାର ଟଙ୍କା ମଞ୍ଜୁର ହୋଇଛି। ଏହାର କାର୍ଯ୍ୟ ସ୍ଥାନୀୟ ଜଣେ ଯୁବକ ଆରମ୍ଭ କରିଥିଲେ। ନିର୍ମାଣ ପାଇଁ ନିଅଁ ଖୋଳିଥିବା ବେଳେ ଏହାକୁ ବିରୋଧ କରି ଅନ୍ୟ ଏକ ଗୋଷ୍ଠୀ ଆସି ଯୁକ୍ତିତର୍କ କରିବାରୁ ଏହାକୁ ନେଇ ଠେଲାପେଲାରେ ଜଣେ ଯୁବକ ଆହତ ହୋଇଛନ୍ତି। ଏ ନେଇ ଫତେଗଡ଼ ଥାନାରେ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ଥାନା ଏସଆଇ ଶ୍ରୀନିବାସ ପ୍ରଧାନ ସୋମବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପଦ୍ମାବତୀ ଏକ ଶାନ୍ତିପ୍ରିୟ ଗ୍ରାମ ହୋଇଥିବାରୁ ଏପରି ରାଜନୈତିକ ଗଣ୍ଡଗୋଳକୁ ପଞ୍ଚାୟତବାସୀ ନାପସନ୍ଦ କରିଛନ୍ତି।

# ଝଗଡ଼ପଡ଼ା ଗ୍ରାମରେ ବଡ଼ଧରଣର ଚୋରି

ଭାପୁର,୨୦।୪(ସମିସ): ଫତେଗଡ଼ ଥାନା ପଦ୍ମାବତୀ ପଞ୍ଚାୟତ ଝଗଡ଼ପଡ଼ା ଗ୍ରାମରେ ରବିବାର ରାତିରେ ବଡ଼ଧରଣର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ସାମାଜିକ ନାଟକ 'ମଣିଷ ଖୋଜୁଛି ଜରାନିବାସ' ମଞ୍ଚସ୍ଥ ହୋଇଥିଲା। ଗ୍ରାମବାସୀ ନାଟକ ଦେଖୁଥିବା ସମୟରେ ଚୋରମାନେ ଗ୍ରାମର ସଞ୍ଜୟ ପ୍ରଧାନଙ୍କ ବାଡ଼ିପଟ କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, କିଛି ନଗଦ ଟଙ୍କା ଓ ଅନେକ ମୂଲ୍ୟବାନ ସାମଗ୍ରୀ ଚୋରି କରିନେଇଛନ୍ତି। ଏନେଇ ଫତେଗଡ଼ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ସୋମବାର ମଧ୍ୟାହ୍ନରେ ପୁଲିସ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଘରୋଇ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରଣପୁର,୨୦।୪(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ରାଜସୁନାଖଳାସ୍ଥିତ ଜାଭିୟର୍ସ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ ଆଲୋକ ପ୍ରସାଦ ମହାପାତ୍ରଙ୍କ ଆବାହକତ୍ୱରେ ପାଳିତ ହୋଇଛି। ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଜୟ କୁମାର ମହାପାତ୍ର, ଉପଦେଷ୍ଟା ପ୍ରସନ୍ନ କୁମାର ରଥ, ସମ୍ମାନିୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ଏବିଇଓ ଲକ୍ଷ୍ମୀ ଦେଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପଦୀପ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପିଲାମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ଭଜନ ଗାନ କରାଯାଇଥିଲା। ପିଲାମାନେ ଭବିଷ୍ୟତରେ ସୁନାଗରିକ ହୋଇ ପିତାମାତାଙ୍କ ସେବା କରିବା ସହ ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିବାକୁ ମୁଖ୍ୟବକ୍ତା ମହାପାତ୍ର ପ୍ରେରଣା ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୩ ଛାତ୍ରଛାତ୍ରୀ ବିଶ୍ୱଜିତ ବେହେରା, ସାଇ ଅମ୍ଳାନ ସାହୁ ଓ ଅର୍ଚ୍ଚିସ୍ମିନ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଜାତା ତ୍ରିପାଠୀ, କଳ୍ପନା ରାଣୀ, ତୃପ୍ତିରାଣୀ ବଡ଼ଜେନାଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାର ଆକର୍ଷଣୀୟ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚଳିତ ବର୍ଷ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଶିକ୍ଷାଦାନ ବ୍ୟବସ୍ଥା କରାଯିବାକୁ ଏହି ଅବସରରେ ସଭାପତି ରଥ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।



# ଓଭରଟେକ୍ ବେଳେ ଦୁଇ କାର୍ ଧକ୍କା



ରଣପୁର,୨୦।୪(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡି ଅନ୍ତର୍ଗତ ବିନୋଦପଡ଼ା ନିକଟ ମା' ବାଘେଇ ହୋଟେଲ ନିକଟରେ ଓଭରଟେକ୍ ବେଳେ ଦୁଇ କାର ମଧ୍ୟରେ ଧକ୍କା ହୋଇଛି। ଭୁବନେଶ୍ୱର ଯାଉଥିବା ଟାଟା ନେକ୍ସନ କାର ନୟାଗଡ଼ ଯାଉଥିବା ମାରୁତି ସୁଜୁକି କାରକୁ ଓଭରଟେକ କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଟାଟା କାରର ଆଗ ଚକା ବାହାରି ଯାଇଥିଲା। ମାରୁତି କାରର ଡାହାଣ ପାଖ ଭାଙ୍ଗିଯାଇଛି। ତେବେ ଦୁର୍ଘଟଣାରେ କାହାର କୌଣସି କ୍ଷତି ହୋଇ ନାହିଁ। ଅପର ପକ୍ଷରେ ଦୁର୍ଘଟଣା ସମୟରେ ବାଇକରେ ଆସୁଥିବା ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଛନ୍ତି। ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ କାର୍ ଜବତ କରି ତଦନ୍ତ ଆରମ୍ଭ କରିଛି।

## ● ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

# ୨୫ ଅଭିଯୋଗର ତତ୍କାଳ ସମାଧାନ

ଓଡ଼ଗାଁ,୨୦।୪(ସମିସ): ଓଡ଼ଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୪୬ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହାମଧ୍ୟରୁ ୪୦ଟି ବ୍ୟକ୍ତିଗତ, ୫ଟି ସାମୂହିକ ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କିତ ଅଭିଯୋଗ ଥିଲା। ୨୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଅବଶିଷ୍ଟ ମାମଲାଗୁଡ଼ିକୁ ଆବଶ୍ୟକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି। ଶିବିରରେ ରାବରା ଗ୍ରାମରେ ପୋଡ଼ିଯାଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପୁନଃସ୍ଥାପନ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଖରାଦିନ ହେତୁ ଓଡ଼ଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୋ ଭୋଲଟେଜ ଯୋଗୁଁ ଫ୍ୟାନ ଚାଲୁ ନ ହେବା ସମସ୍ୟା ମଧ୍ୟ ଉଠିଥିଲା। ଏହାସହ ଓଡ଼ଗାଁ ଏନ୍ଏସିର ମୁଣ୍ଡିଆ ସାହିରେ ବିଦ୍ୟୁତ ଯୋଗାଣ ସୁବିଧା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ।

ଏହି ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଏସ୍ପି ସୁବାସ ଚନ୍ଦ୍ର ପଣ୍ଡା, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପୁଷ୍ପାନୀଳିମା ଲାକ୍ରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, ବିଡିଓ ପ୍ରୀତିବାଳା ରଣା, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ଏନ୍ଏସି ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ଆଇଆଇଇସି ସତ୍ୟନାରାୟଣ ବାରିକ, ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ ଓ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଭକ୍ତକବି ଜୟଦେବଙ୍କ ଜୟନ୍ତୀ ପାଳିତ



ନୟାଗଡ଼,୨୦।୪(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ 'ଗୀତଗୋବିନ୍ଦ'ର ରଚୟିତା ଭକ୍ତକବି ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୂୟାଁ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ଜୟଦେବଙ୍କ ଜୀବନୀ, ଦର୍ଶନ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ଯୋଗଦେଇ କବିଙ୍କ ଅମରକୃତି 'ଗୀତଗୋବିନ୍ଦ'ର ଆଧ୍ୟାତ୍ମିକ ମହତ୍ତ୍ୱ ଓ ସାହିତ୍ୟିକ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଅକ୍ଷିମୁଠି ଅନୁକୂଳ

ନୟାଗଡ଼,୨୦।୪(ସମିସ)



କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଡାଲି ଗବେଷଣା କେନ୍ଦ୍ରଠାରେ ଭୂମିପୂଜନ ଓ ଅକ୍ଷିମୁଠି ଅନୁକୂଳ ତଥା ବୀଜବପନ କରିଛନ୍ତି। ଏହାସହ ନୟାଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ କିଷାନ୍ ଚତୁର୍ଥ କିସ୍ତି ପ୍ରଦାନର ସିଧାପ୍ରସାରଣ କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦର, କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଅନିଲ କୁମାର ସ୍ୱାଇଁ ପ୍ରମୁଖ ଯୋଗ.ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବନାରାୟଣ ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲାପାଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କୃଷକଙ୍କୁ ଅବଗତ କରାଇଥିଲେ।

କୃଷକମାନେ କିପରି ସମନ୍ୱିତ କୃଷିକୁ ଆପଣାଇ ନିଜ ଆୟକୁ ବହୁଗୁଣିତ କରିପାରିବେ ସେ ସମ୍ପର୍କରେ ମନ୍ତ୍ରୀ ଅଭିଭାଷଣ ରଖିଥିଲେ। ଏହି ଅବସରରେ ରାଜ୍ୟର ୪୧,୬୮,୫୮୨ ଚାଷୀଙ୍କୁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ସେଥିମଧ୍ୟରେ ନୟାଗଡ଼ ଜିଲ୍ଲାର ୧,୬୧,୨୭୦ ସହାୟତା ପାଇଥିବା ଜଣାପଡ଼ିଛି।

